# Akashvani, Sambalpur

## SAMBALPURI NEWS EVENING BULLETIN

**29 May 2024- 7.02 pm- 7.12 pm.**

*********************************************

୧- ଆଏବା କାଏଲ୍ ଶେଷ୍ ଖେପ୍ ନିର୍ବାଚନ୍ ଲାଗି ଭୋଟ୍ ପ୍ରଚାର୍‌ର ଶେଷ୍ ଦିନ୍ ।

- ୬ ଟା ଲୋକ୍‌ସଭା ଆସନ୍ ଆର୍ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଶନିବାର୍ ଦିନ ହେବା ଭୋଟ୍ ।

୨- ଭାରତ୍ କ୍ଷେପଣାସ୍ତ୍ର ବିଜ୍ଞାନ୍ କ୍ଷେତ୍ରଥି ବହୁତ୍‌ଟେ ଅଗ୍ରଗତି କରିଛେ

-ବାଲେଶ୍ୱର୍ ବିଜୟ ସଂକଳ୍ପ ସମାବେଶ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟିନୁ ରୁଦ୍ରମ୍ - ଟୁ କ୍ଷେପଣାସ୍ତ୍ରର ହେଲା ସଫଲ୍ ପରୀକ୍ଷଣ୍ ।

୪- ଶ୍ରୀକ୍ଷେତ୍ର ପୁରୀ ନ ଭଉଁରୀ ଉତ୍ସବ୍ ସହେତେ ହେଲା ତିନ୍‌ହି ରଥର ଚକ ଅଖ ଡେରା ନୀତି ।

ଆଉର୍

୫- ଉତର୍ ପଶ୍ଚିମ ଦିଗ୍‌ନୁ ଗରମ୍ ପବନ୍ ରାଜ୍ୟକେ ଆସୁଥିବାର୍‌ନୁ ବଢୁଛେ ଦିନର୍ ତାତି ।

- ବଲାଙ୍ଗିର୍ ନ ସବୁନୁ ଜହ ତାତି ୪୬ ଦଶ୍ମିକ୍ ୩ ଡିଗ୍ରୀ ସେଲ୍ସିଅସ୍ ।

୭ ନମ୍ବର୍ ଖେପ୍ ଲୋକ୍ସଭା ନିର୍ବାଚନ୍   ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଶେଷ୍ ଖେପ୍ ନିର୍ବାଚନ୍ଥି ୬ ଟା ଲୋକ୍ସଭା ଆର୍ ୪୨ ଟା ବିଧାନ୍ସଭା ଆସନ୍ ଲାଗି ଆଏବା ୧ ତାରିଖ୍ ଶନିବାର୍ ଦିନ ଭୋଟ୍ ହେବା । ଇଥିର୍ଲାଗି ଆଏବା କାଏଲ୍ ଉପର୍ବେଲା ନିର୍ବାଚନୀ ପ୍ରଚାର୍  ଶେଷ୍ ହେଉଛେ । ଇ ଖେପେ ମୟୁର୍ଭଞ୍ଜ, ବାଲେଶ୍ୱର୍, ଭଦ୍ରକ୍, ଯାଜ୍ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍ସିଂହପୁର୍ ଲୋକ୍ସଭା ଆସନ୍ ଆର୍ ତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି  ଭୋଟ୍ ନିଆଯିବା । ୬ ଟା ଲୋକ୍ସଭା ଆସନ୍ ଲାଗି ୬୬ ଝନ୍ ପ୍ରାର୍ଥୀ ଭୋଟ୍ ଲଢୁଥିବାର୍ ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ସୂଚ୍ନା ମିଲିଛେ ।  ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ ସର୍ବାର୍ ଉତ୍ରୁ ଶହେ ୫ ଟା ବିଧାନ୍ସଭା ଆସନ୍ ଆର୍ ୧୫ ଟା ଲୋକ୍ସଭା ଆସନ୍ ଲାଗି ଭୋଟ୍ ସରିଛେ ।

ସେନ୍ତା ଇ ଖେପେ ଦେଶେ - ଓଡ଼ିଶା ସହେତେ ୮ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ର ୫୭ ଟା ସଂସଦୀୟ କ୍ଷେତ୍ର ଲାଗି ଭୋଟ୍ ହେବା । ପଞ୍ଜାବ୍ ଆର୍ ଉତର୍ପ୍ରଦେଶ୍ର ୧୩ ଟା ଲେଖା, ପଶ୍ଚିମବଙ୍ଗ୍ର ୯ ଟା,

ବିହାର୍‌ର ୮ ଟା, ହିମାଚଲ୍ ପ୍ରଦେଶ୍‌ର ୪ ଟା, ଝାଡ଼ଖଣ୍ଡର ୩ ଟା ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଖେପ୍ ଭୋଟ୍ ଲାଗି ପ୍ରଚାର୍ ଜୋର୍‌ସୋର୍ ଚାଲିଛେ । ଭିନ୍ ଭିନ୍ ଦଲର୍ ବରିଷ୍ଠ ନେତାମାନେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ପ୍ରଚାର୍ କରୁଛନ୍ ।

ରାଜନୈତିକ୍ ଦଲ୍ ପ୍ରଚାର୍ ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ବିଜେପି ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବାରିପଦାର ଛଉପଡ଼ିଆ ଆଉ ବାଲେଶ୍ୱର୍, ରେମୁଣା ନ ହେଇଥିବା ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେଇକରି ଦଲୀୟ ପ୍ରାର୍ଥୀଙ୍କର୍ ସପକ୍ଷଥି ପ୍ରଚାର୍ କରିଛନ୍ । ଶ୍ରୀ ମୋଦୀ କହିଛନ୍ ଯେ, ଭାରତ୍ କ୍ଷେପଣାସ୍ତ୍ର ବିଜ୍ଞାନ୍ କ୍ଷେତ୍ରଥି ବହୁତ୍‌ଟେ ଅଗ୍ରଗତି ହାସଲ୍ କରିଛେ । ଆଏବା ୫ ବରସ୍ ଭିତ୍‌ରେ ଦେଶ୍ ବିକାଶ୍ ପଥଥି ଆଗାବା ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରାପଡ଼ା ବ୍ଲକ୍‌ର ବାରଗ୍ରାମର ସିଦ୍ଧମଠ ପଡ଼ିଆଠାନେ ହେଇଥିବା ସଭାଥି ଭିଲ୍ ଆଏଜ୍ ଯୋଗ୍ ଦେଇଛନ୍ ।

ସେନ୍ତା କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଆଏଜ୍ ଓଡ଼ିଶା ଆସିକରି ବାଲେଶ୍ୱର୍ ନ ହେଇଥିବା ନିର୍ବାଚନୀ ସଭାଥି ଦଲୀୟ ପ୍ରାର୍ଥୀଙ୍କର୍ ସପକ୍ଷଥି ପ୍ରଚାର୍ କରିଛନ୍ । ସେ କହିଛନ୍ ଯେ, ଓଡ଼ିଶା ବହୁତ୍ ଖଣିଜ ସମ୍ପଦ୍‌ଥି ଭରି ରହିଥିଲେ ଭିଲ୍ ତାର୍ ସଦ୍‌ବିନିଯୋଗ୍ ଅଭାବ୍‌ନୁ ଓଡ଼ିଶାବାସୀଙ୍କର୍ କେନ୍‌ସି ଆଖିଦୃଶିଆ ଉନ୍ନତି ନାଇଁ ହେଇପାରି ।

କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏବା କାଏଲ୍ ବାଲେଶ୍ୱର୍ ଜିଲ୍ଲା ସିମୁଲିଆ ଆର୍ ସାନମହତିପୁର୍ ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ ବଲି କଂଗ୍ରେସ୍ ଦଲ୍ ତର୍‌ଫୁ କୁହାଯାଇଛେ ।

ମତଦାନ୍ ହାର ଆର୍‌ଏନ୍‌ୟୁ/ କଟକ୍

ଦେଶେ ଗଲା ୨୫ ତାରିଖ୍ ଦିନ ହେଇଥିବା ୬ ନମ୍ବର୍ ଖେପ୍ ଭୋଟ୍‌ଥି ମୋଟ୍ ୬୩ ଦଶ୍‌ମିକ୍ ୩/୭ ପ୍ରତିଶତ୍ ମତଦାନ୍ ହେଇଥିବା ନିର୍ବାଚନ୍ କମିଶନ୍ କହିଛନ୍ । ଇ ଖେପେ ପୁରୁଷମାନ୍‌କର୍‌ନୁ ୩ ପ୍ରତିଶତ୍ ଅଏତ୍‌କା ମହିଲା ଭୋଟ୍ ଦେଇଛନ୍ । ଏପ୍ରିଲ୍ ମାସ ୧୯ ତାରିଖ୍ ଦିନ ହେଇଥିବା ପହେଲା ଖେପ୍ ଭୋଟ୍‌ଥି ୬୬ ଦଶ୍‌ମିକ୍ ୧/୪ ପ୍ରତିଶତ୍ ମତଦାନ୍ ହେଇଥିଲା । ସେନ୍ତା ଏପ୍ରିଲ୍ ୨୬ ତାରିଖ୍ ଦିନ ହେଇଥିବା ୨ ନମ୍ବର୍ ଖେପ୍ ଭୋଟ୍‌ଥି ୬୬ ଦଶ୍‌ମିକ୍ ୭/୧,

ମେ ମାସ ୭ ତାରିଖ୍ ଦିନ ହେଇଥିବା ୩ ନମ୍ବର୍ ଖେପ୍ ଭୋଟ୍‌ଥି ୬୫ ଦଶ୍‌ମିକ୍ ୬/୮, ମେ ମାସର୍ ୧୩ ତାରିଖ୍ ଦିନ ହେଇଥିବା ୪ ନମ୍ବର୍ ଖେପ୍ ଭୋଟ୍‌ଥି ୫୯ ଦଶ୍‌ମିକ୍ ୫/୮ ପ୍ରତିଶତ୍ ମତଦାନ୍ ହେଇଥିଲା । ନିର୍ବାଚନ୍ କମିଶନ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ ଗଲା ୨୦ ତାରିଖ୍ ଦିନ ହେଇଥିବା ୫ ନମ୍ବର୍ ଖେପ୍ ଭୋଟ୍‌ଥି ୬୨ ଦଶ୍‌ମିକ୍ ୨ ପ୍ରତିଶତ୍ ମତଦାନ୍ ହେଇଥିଲା ।

ରୁଦ୍ରମ୍ - ଟୁ ମିଜାଇଲ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରତିରକ୍ଷା ଗବେଷଣା ଆର୍ ବିକାଶ୍ ସଂଗଠନ୍ - ଡିଆର୍‌ଡିଓ ତର୍‌ଫୁ ବାଲେଶ୍ୱର୍ ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟିନୁ ରୁଦ୍ରମ୍ - ଟୁ କ୍ଷେପଣାସ୍ତ୍ରର ଆଏଜ୍ ସଖାଲର୍ ସାଢ଼େ ୧୧ ବଜେ ସଫଲ୍ ପରୀକ୍ଷଣ୍ କରାଯାଇଛେ । ଇ କ୍ଷେପଣାସ୍ତ୍ର ଆକାଶ୍‌ନୁ ଭୂଇଁକେ ଲକ୍ଷ୍ୟଭେଦ କରିପାର୍‌ବା । ରୁଦ୍ରମ୍- ଟୁ ପୁରା ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ତିଆର୍ କରାଯାଇଛେ । ଇ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂ ଡିଆର୍‌ଡିଓ, ବାୟୁସେନାକେ ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନେଇଛନ୍ । ସେନ୍ତା ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଲ୍ ଡିଆର୍‌ଡିଓର ସଫଲତା ଲାଗି ଶୁଭେଚ୍ଛା ଜନେଇଛନ୍ ।

ଶ୍ରୀକ୍ଷେତ୍ର ପୁରୀ- ଭଉଁରୀ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ଭଉଁରୀ ଅବ୍‌ସରେ ପରମ୍ପରା ଅନ୍‌ସାରେ ଆଏଜ୍ ତିନ୍‌ହି ରଥର ଚକ ଅଖ ଡେରା ନୀତି ହେଇଯାଇଛେ । ଶ୍ରୀମନ୍ଦିର୍ ନ ସକାଲଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ରଥଖଲାକେ ମାହାପ୍ରଭୁଙ୍କର୍ ଆଜ୍ଞାମାଳ ପୂଜାପଣ୍ଡା ସେବକ୍‌ମାନେ ବିଜେ କରେଇଥିଲେ । ଭୋଇ ସେବକ୍‌ମାନେ ଆଘୋନୁ ତିଆରି ହେଇଥିବା ଚକଥି ଅଖ ସଂଯୋଗ୍ କରିଥିଲେ । ସେଆଡ଼େ ଆଏଜ୍ ବାହାର ଚନ୍ଦନ ଯାତ୍ରାଥି ଭଉଁରୀ ଲାଗି ନରେନ୍ଦ୍ର ପୁଷ୍କରିଣୀ ନ ଶ୍ରୀରାମକୃଷ୍ଣ ଓ ମଦନମୋହନ୍, ଲକ୍ଷ୍ମୀ, ସରସ୍ୱତୀଙ୍କର୍ ସହେତେ ପଂଚମହାଦେବ, ନନ୍ଦା ଓ ଭଦ୍ରାଥି ଅଧିଷ୍ଠିତ ହେଇକରି ୨୧ ଥର୍ ଚାପକ୍ରୀଡ଼ା କର୍‌ବେ ।

ସଡ଼କ୍ ସୁରକ୍ଷା ଆଉ ଦୁର୍ଘଟଣାଜନିତ ପ୍ରାଥମିକ ଉପଚାର

ହି.ସ.

ରାଜ୍ୟ ସର୍‌କାର୍‌ଙ୍କର୍ ଉଚ୍ଚଶିକ୍ଷା ବିଭାଗ୍ ଏନ୍‌ଏସ୍‌ଏସ୍ ଆର୍ ଭାରତୀୟ ରେଡ଼କ୍ରସ୍ ସୋସାଇଟି ତର୍‌ଫୁ ସଡ଼କ୍ ସୁରକ୍ଷା ଆଉ ଦୁର୍ଘଟଣାଜନିତ ପ୍ରାଥମିକ ଉପଚାର୍ ଉପ୍‌ରେ ୨ ଦିନିଆ ଦକ୍ଷତା ବିକାଶ୍ କର୍ମଶାଳା ଭୁବ୍‌ନେଶ୍ୱର୍‌ର ରେଡ଼କ୍ରସ୍ ଭବନ୍ ନ ମୁଲ୍ ହେଇଛେ । କର୍ମଶାଳାଥି ରାଜ୍ୟର୍

ସବୁ କଲେଜ୍‌ନୁ ଶହେ ୨୦ ଝନ୍ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ୍ ଦେଇଛନ୍ । ରେଡ଼କ୍ରସ୍‌ର ଅବୈତନିକ ସଚିବ ବିଭୂତି ଭୂଷଣ୍ ପଟ୍ଟନାୟକ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନ୍‌କୁ ଅଏତ୍‌କାନୁ ଅଏତ୍‌କା ଲୁକ୍‌କର୍ ଜୀବନ୍ ବଁଚାବାର୍ ଲାଗି ଚେଷ୍ଟା କର୍‌ବାର୍‌କେ କହିଥିଲେ । ଯୁବ ଏନ୍‌ଏସ୍‌ଏସ୍ ଅଧିକାରୀ ଅଜିତ୍ କୁଶବାହା, ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର୍ ଆଉ ଉପ ଶାସନ୍ ସଚିବ ରମେଶ ଚନ୍ଦ୍ର ବେହେରା ଆଉ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟର୍ ଅଧିକାରୀ ଆର୍ ଅଭିଜ୍ଞ ପ୍ରଶିକ୍ଷକମାନେ ଇଥି ଯୋଗ୍ ଦେଇଛନ୍ ।

ଏଭରେଷ୍ଟ ଡେ      ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ଏଭରେଷ୍ଟ ଡେ' । ଫି' ବଛର୍ ଆଝିର୍ ଦିନ୍‌କେ ଏଭରେଷ୍ଟ ଡେ' ହିସାବେ ପାଲନ୍ କରାଯାଉଛେ । ୧୯୫୩ ମସିହା ମେମାସର୍ ୨୯ ତାରିଖ୍ ଦିନ ନେପାଲ୍‌ର ତେନ୍‌ଜିଙ୍ଗ ଆର୍ ନ୍ୟୁଜିଲାଣ୍ଡ୍‌ର ଏଡ଼ମଣ୍ଡ୍ ହିଲାରୀ ଏଭରେଷ୍ଟ ଶୃଙ୍ଗ ଚଢ଼ିଥିଲେ । ନେପାଲ୍ ଲଗାତାର୍ ଭାବେ ଆନ୍ତର୍ଜାତିକ ମାଉଂଟ୍ ଏଭରେଷ୍ଟ ଦିବସ ପାଲନ୍ କର୍‌ବାର୍‌କେ ମନୋନୀତ୍ ହେଇଛେ । ପର୍ବତ୍ ଇଲାକାଥି ରହୁଥିବା ଲୋକ୍‌ମାନ୍‌କର୍ ସମସ୍ୟା ପରିବେଶ୍ ସଂରକ୍ଷଣ୍, ଜଲ୍‌ବାୟୁ ପରିବର୍ତନ୍‌ର ପ୍ରଭାବ୍ ଆର୍ ପର୍ବତ୍ ଆରୋହୀଙ୍କୁ ଉତ୍ସାହିତ୍

କର୍‌ବାର୍ ଲାଗି ଅନ୍ତର୍ଜାତୀୟ ସ୍ତର୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ବୌଦ୍ଧ- ଭୋଟ୍‌ଗନ୍‌ତି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆଏବା ୪ ତାରିଖ୍ ଦିନୁ କନ୍ଧମାଲ୍ ସଂସଦୀୟ କ୍ଷେତ୍ରର୍ ବୌଦ୍ଧ ଆର୍ କଂଟାମାଲ୍ ବିଧାନ୍‌ସଭା ଲାଗି ହେବାର୍‌କେ ଥିବା ଭୋଟ୍ ଗନ୍‌ତି ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳଙ୍କର୍ ସଦ୍‌ଭାବନା ଗୃହ ଠାନେ ଜିଲ୍ଲାପାଳ୍ କେ.ସୋନାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭୋଟ୍‌ଗନ୍‌ତି ଯେନ୍ତା ଶାନ୍ତିଶୃଙ୍ଖଲାର୍ ସହେତେ ହେଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା । ଜିଲ୍ଲାସ୍ତରୀୟ ଅଧିକାରୀ ଆର୍ ଅଲ୍‌ଗା ବିଭାଗୀୟ ଅଧିକାରୀମାନେ ଆଘୋନୁ ମକ୍‌ଡ୍ରିଲ୍ କରିକରି ଠିକ୍ ଭାବେ କାମ୍ କର୍‌ବାର୍ ଲାଗି ଜିଲ୍ଲାପାଳ୍ ଶ୍ରୀ ସୋନାଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ବୌଦ୍ଧ ଧାନ୍ ଘିନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଡାଲୁଆ ଧାନ୍ ଘିନା ଆଏଜ୍‌ନୁ ମୁଲ୍ ହେଇଛେ । ଆଏଜ୍ ଖୁଂଟବନ୍ଧ ମାର୍କେଟ୍‌ୟାର୍ଡ଼ ନ ଜିଲ୍ଲାସ୍ତରୀୟ ଡାଲୁଆ ଧାନ୍ ଘିନା ପ୍ରକ୍ରିୟା ସମବାୟ ବିଭାଗ୍ ଆର୍ ଯୋଗାଣ ବିଭାଗ୍ ସହଯୋଗ୍‌ଥି ମୁଲ୍ ହେଇଛେ । ମୋଟ୍ ୫ ହଜାର୍ ୫ ଶହ ୩୭ ଝନ୍ ଚାଷୀ ଧାନ୍ ବିକ୍‌ବାର୍ ଲାଗି ନାଁ ପଞ୍ଜିକରଣ୍ କରିଛନ୍ । ଇ ବଛର୍ ଯୋଗାଣ ବିଭାଗ୍ ତର୍‌ଫୁ ୧୧ ଟା ମିଲ୍‌ର୍‌ଙ୍କର୍ ଜରିଏ ଜିଲ୍ଲା ନୁ ୨ ଲାଖ୍ ୨୮ ହଜାର୍ ଶହେ ୨ କ୍ୱିଂଟାଲ୍ ଡାଲୁଆ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛେ । ଧାନ୍ ଘିନା କେନ୍ଦ୍ରମାନ୍‌କୁ ଚାଷୀମାନ୍‌କର୍ ଲାଗି ସବୁ ପ୍ରକାର୍ ସୁବିଧା କରାଯାଇଥିବାର୍ ଏଆର୍‌ସିଏସ୍ କହିଛନ୍ ।

ଆଧାର୍‌କାର୍ଡ଼ -ପାନ୍ କାର୍ଡ଼ ସଂଯୋଗ-ଆୟକର ବିଭାଗ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଇ ମାସ୍ ଶେଷ୍‌ତକ୍ ପେନ୍ ନମ୍ବର୍ ସାଙ୍ଗେ ଆଧାର୍‌କାର୍ଡ଼ ଜୁଡ୍‌ବାର୍ ଲାଗି ଆୟକର୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ବଛର ଆୟକର ରିଟର୍ଣ୍ଣ ଦାଖଲ୍‌ର ଶେଷ୍ ତାରିଖ୍, ଜୁଲାଇମାସ ୨୧ ତାରିଖ୍ ଧାରିଜ୍ କରାଯାଇଛେ । ଇତାର୍ ଆଘୋନୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ୍ ବୋର୍ଡ଼ କରଦାତାମାନ୍‌କୁ ସେମାନ୍‌କର୍ ପାନ୍ କାର୍ଡ଼ ଆର୍ ଆଧାର୍ ନମ୍ବର୍ ଜୁଡ୍‌ବାର୍ ଲାଗି ପରାମର୍ଶ ଦେଇଥିଲା । ମିଳିଥିବା ସୂଚ୍‌ନା ଅନ୍‌ସାରେ

ଗଲା ଜାନୁଆରୀ ମାସ ୨୯ ତାରିଖ୍‌ତକ୍ ଦେଶେ ୧୧ କୋଟି ୪୮ ଲାଖ୍ ପେନ୍ ନମ୍ବର୍- ଆଧାରଣ୍ ନମ୍ବର୍ ସାଙ୍ଗେ ସଂଯୋଗ୍ ନାଇଁ କରାଯାଇ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍/ସମ୍ବଲପୁର

ଉତର ପଶ୍ଚିମ ଦିଗ୍‌ନୁ ଗରମ୍ ପବନ୍ ବୁହୁଥିବାର୍‌ନୁ ରାଜ୍ୟ ନ ଦିନର୍ ତାତି ବଢ୍‌ବାର୍‌କେ ଲାଗିଛେ । ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ଭିତ୍‌ରିଆ ଜିଲ୍ଲାମାନ୍‌କେ ତାତି ୩ ନୁ ୫ ଡିଗ୍ରୀ ବଢ୍‌ବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ ତର୍‌ଫୁ ଅନୁମାନ୍ କରାଯାଉଛେ । ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଜବର୍ ତାତି ଲାଗି ଜୀବନ୍‌ଯାତ୍ରା ବାଧାପ୍ରାପ୍ତ ହେଇଛେ । ଆଏବା କାଏଲ୍ ସୁନ୍ଦର୍‌ଗଡ୍, ବର୍‌ଗଡ୍, ଦେବ୍‌ଗଡ୍, ନୂଆପଡ଼ା, କଲାହାଣ୍ଡି ନ ଜବର୍ ଖରା ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ତାତି ବଢୁଥିବାର୍ ନଜର୍‌ଥି ରଖିକରି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ସତର୍କତା ମୂଲକ୍ ପଦକ୍ଷେପ୍ ଗ୍ରହଣ୍ କର୍‌ବାର୍‌କେ କୁହାଯାଇଛେ ।

ସେଆଡ଼େ ଆଏଜ୍ ରାଜ୍ୟର୍ ୪ ଟା ସହର୍ ନ ତାତି ୪୬ ଡିଗ୍ରୀନୁ ଜହ ରହିଛେ । ସବୁନୁ ଜହ ତାତି ବଲାଙ୍ଗିର୍ ନ ୪୬ ଦଶ୍‌ମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ ସୋନ୍‌ପୁର୍ ନ ୪୬ ଦଶ୍‌ମିକ୍ ୨, ଟିଟିଲାଗଡ୍ ଆର୍

ଝାର୍ସୁଗୁଡ଼ା ୪୬ ଲେଖା, ସମ୍ବଲପୁର୍ ୪୫ ଦଶ୍ମିକ୍ ୬, ବୌଦ୍ଧ ନ ୪୫ ଦଶ୍ମିକ୍ ୩, ହୀରାକୁଦ୍ ନ ୪୫ ଦଶ୍ମିକ୍ ୧ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।